ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜୁଲାଇ ୧୧

# ମନମୋହନ ସାମଲଙ୍କୁ ଅଭିନନ୍ଦନ

**ହୃଷିକେଶ ପୁହାଣ**

ଏମିତି ଏକ ସମୟ ଥିଲା ଓଡ଼ିଶାର ତଳରୁ ଉପର ପର୍ଯ୍ୟନ୍ତ ସବୁଠି ସଶକ୍ତ ବିଜେଡ଼ିର ଦବଦବା ଥିଲା । ନବୀନ ବାବୁ ଓ ପାଣ୍ଡିଆନଙ୍କ ସରକାର - ଦଳ ଓଡ଼ିଶାରେ ମଜଭୁତ ପ୍ରଭାବ ଓ ଅଖଣ୍ଡ ପତିଆରା ରଖିଥିଲା । କିନ୍ତୁ ରାଜ୍ୟବାସୀ ମନସ୍ଥ କରିଥିଲେ ଏହାର କଡ଼ ଲେଉଟାଇବା ପାଇଁ । ଏହିପରି ଏକ ସମୟରେ ରାଜନୀତିରେ ଗୁଡ଼ି ଉଡିଲା ଯେ ଓଡ଼ିଶାରେ ବିଜେଡ଼ି - ବିଜେପିର ମେଂଟ ହେବ । ଏହା ଢ଼େର ଦିନ ପର୍ଯ୍ୟନ୍ତ ରାଜନୀତିକୁ ଗୋଳମାଳିଆ କରିଦେଲା କିନ୍ତୁ ସେତେବେଳେ ଓଡ଼ିଶା ବିଜେପିର ସଭାପତି ଥିବା ମନମୋହନ ସାମଲ ବିଜେଡ଼ି ସହ ମେଂଟ ପାଇଁ ତୀବ୍ର ବିରୋଧ କରିଥିଲେ । ସେ କହିଥିଲେ ଯେ ଏହା ଆମ ପାଇଁ ଆତ୍ମଘାତୀ ସଦୃଶ ହେବ ଏବଂ ଆମେ ନିଜ ବଳ ଓ ଦଳର କର୍ମୀଙ୍କ ସମର୍ଥନରେ ଏକାକି ନିଶ୍ଚିନ୍ତ ଶାସନକୁ ଆସିବୁ ଏହାକୁ ଅନେକ ବିଶ୍ୱାସ କରୁନଥିଲେ । କାରଣ ସେ ସମୟରେ ବିଜେଡ଼ି ଏପରି ଏକ ମାୟାଜାଲ ବିସ୍ତାର କରିସାରିଥିଲା ଯେ ବିଜେପି ସହ ମେଂଟ ନହେଲେ ମଧ୍ୟ ଉଭୟ ସଂସଦ ନିର୍ବାଚନ ମଣ୍ଡଳୀ ଓ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ନିଶ୍ଚିନ୍ତ ଜିତିବୁ କିନ୍ତୁ କେବଳ ବିଜେପିର ମନମୋହନ ବାବୁଙ୍କ ପାଇଁ ହିଁ ଦଳର ଶୀର୍ଷ ନେତୃତ୍ୱ ତାଙ୍କ କଥାକୁ ଗ୍ରହଣ କରିଥିଲେ ଯାହା ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ଆଜି ପ୍ରମାଣିତ ହୋଇଛି ।

ବିଜେପିର ବରିଷ୍ଠ ନେତା ତଥା ବର୍ତ୍ତମାନର ଓଡ଼ିଶା ସଫଳ ତଥା ବିଜୟମଣ୍ଡିତ ଡବଲ ଇଞ୍ଜିନ ସରକାରର ଶ୍ରେୟ ଯାହାଙ୍କ ପାଇଁ ଲେଖା ଯାଇପାରିବ ସେହି ମନମୋହନ ସାମଲ ହିଁ ପୁନର୍ବାର ସଭାପତି ଦାୟିତ୍ୱ ମଣ୍ଡନ କରିଛନ୍ତି । କହିବାକୁଗଲେ ସବୁବେଳ, ସବୁ ସମୟ ପାଇଁ ସେ ଦଳ ପାଇଁ ଶୁଭ ରହି ଆସିଛନ୍ତି । ଅତୀତକୁ ଦେଖିଲେ ଜଣାଯାଏ ଯେତେବେଳେ ବି ସେ ଦଳର ସଭାପତି ଦାୟିତ୍ୱ ଗ୍ରହଣ କରିଛନ୍ତି ସେତେବେଳେ ଦଳ ନିଶ୍ଚିନ୍ତ ଭାବେ ସରକାରକୁ ଆସିଛି କିମ୍ବା କ୍ଷମତାସୀନ ହୋଇଛି । ତାଙ୍କରି ଯୋଜନା, ତାଙ୍କରି ଦୂରଦର୍ଶୀ ରଣନୀତି ଦ୍ୱାରା ଯେ ଓଡ଼ିଶା ବିଜେପି ଆଜି ସଫଳତାର ଶ୍ରେୟ ପାଇଛି ଏହାକୁ ଯେ କେହି ବି ସ୍ୱୀକାର କରିବେ । ବିଜେପି ରାଜ୍ୟ ସଭାପତି ଭାବେ ପୁନର୍ବାର ନିର୍ବାଚିତ ହୋଇଛନ୍ତି ସମ୍ମାନନୀୟ ମନମୋହନ ସମାଲ । ୨୦୨୪ ନିର୍ବାଚନ ପୂର୍ବରୁ ୨୦୨୩ ମାର୍ଚ୍ଚ ୨୪ ତାରିଖରେ ଦଳ ତାଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ କରିଥିଲା । ରାଜନୈତିକ ବିଷାରଦଙ୍କ ମତରେ ୨୦୦୪ ପରେ ଏକ ଦୀର୍ଘ ବର୍ଷର ବ୍ୟବଧାନରେ ପୁଣି ତାଙ୍କ କାନ୍ଧରେ ଦଳର ନେତୃତ୍ୱ ପ୍ରଦାନ କରାଯାଇ ଦଳ ପାଇଁ ଶୁଭ ସମୟ ଅଣାଯାଇଥିଲା । ତେବେ ସେ ଦାୟିତ୍ୱ ନେଇ ଦଳକୁ ବିଜୟ ରାସ୍ତାରେ ଆଗେଇ ନେଇଥିଲେ ଯାହାଦ୍ୱାରା ତାଙ୍କ ଦାୟିତ୍ୱ ଗ୍ରହଣର ବର୍ଷକ ଭିତରେ ନିର୍ବାଚନ ହେଲା ଏବଂ ବିଜେପି ଉଭୟ ଲୋକସଭା ଓ ବିଧାନ ସଭାରେ ସଂଖ୍ୟା ଗରିଷ୍ଠତା ପାଇଥିଲା । ମନମୋହନ ବାବୁ ୧୯୯୯ ମସିହାରେ ପ୍ରଥମଥର ପାଇଁ ରାଜ୍ୟ ବିଜେପି ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ । ସେ ସମୟରେ ରାଜ୍ୟରେ କଂଗ୍ରେସ ସରକାର ଥିଲା ଓ ବିଜେଡ଼ି-ବିଜେପି ବିରୋଧୀ ଦଳରେ ଥିଲେ । ଏହାର ଗୋଟିଏ ବର୍ଷ ପରେ ୨୦୦୦ ମସିହାରେ ବିଜେଡ଼ି-ବିଜେପି ମେଂଟ କଂଗ୍ରେସକୁ ପରାସ୍ତ କରି ଶାସନକୁ ଆସିଥିଲେ । କିନ୍ତୁ ମନମୋହନ ବାବୁ ନିର୍ବାଚନରେ ହାରି ଯାଇଥିଲେ । ଦଳ କିନ୍ତୁ ତାଙ୍କୁ ସମ୍ମାନିତ କରିଥିଲା ଏବଂ ତୁରନ୍ତ ରାଜ୍ୟସଭାକୁ ପଠାଇଥିଲା । ୧୯୯୯ରୁ ସେ ୨୦୦୦ ଅର୍ଥାତ୍ ଦୁଇଟି ପର୍ଯ୍ୟାୟରେ ରାଜ୍ୟସଭାପତି ଭାବରେ କାର୍ଯ୍ୟ କଲାବେଳେ ୨୦୦୦ ଓ ୨୦୦୪ର ନିର୍ବାଚନରେ ବିଜେଡ଼ି-ବିଜେପି ଦୁଇଥର ମିଳିତ ସରକାର ଗଠନ କରିଥିଲେ । ୨୦୦୦ ମସିହାରେ ସେ ନିର୍ବାଚନ ହାରି ଯାଇଥିବାବେଳେ ୨୦୦୪ ନିର୍ବାଚନରେ ଜିତିଥିଲେ ଏବଂ ବିଜେଡ଼ି-ବିଜେପି ମିଳିତ ସରକାରରେ ରାଜସ୍ୱ ତଥା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଥିଲେ । ୨୦୨୩ରେ ପୁନର୍ବାର ତାଙ୍କୁ ଦଳର ସଭାପତି କରାଯାଇଥିବାବେଳେ ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡ଼ି ଓ ବିଜେପି ମଧ୍ୟରେ ପୁଣିଥରେ ମେଂଟ କସରତ ଜୋରଦାର ହୋଇଥିଲା । ମାତ୍ର ମନମୋହନ ବାବୁ ଏହି ମେଂଟ କସରତକୁ ବିରୋଧ କରି ଓଡ଼ିଶାରେ ବିଜେପି ଏକାକୀ ଲଢ଼ିବାର ଜିଦ ଧରିଥିଲା । ଓଡ଼ିଆ ଅସ୍ମିତାର ସ୍ଲୋଗାନ ଦେଇ ସେ ବିଜେପି ଦଳ ସମର୍ଥକ ଓ କର୍ମୀମାନଙ୍କୁ ଯେଉଁ ଉତ୍ସାହ ଯୋଗାଇଥିଲେ ଏହାଫଳ ଦେଇଥିଲା । ୨୦୨୪ରେ ସେହି ନିର୍ବାଚନ ଏକ ନିର୍ଣ୍ଣାୟକ ମୋଡ଼ ଆଣିଥିଲା । ତାଙ୍କରି ମାର୍ଗଦର୍ଶନରେ ଆଜି ଓଡ଼ିଶାରେ ବିଜେପି ଶାସନରେ ରହିଛି ଏବଂ ଡବଲ ଇଞ୍ଜିନ ସରକାର ଲୋକଙ୍କ ସରକାର ହୋଇ ରାଜ୍ୟବାସୀଙ୍କୁ ଶ୍ରେଷ୍ଠ ଓ ଅଭିବୃଦ୍ଧି ସମ୍ପନ୍ନ ସେବା ପ୍ରଦାନ କରୁଛନ୍ତି ।

ମନମୋହନ ବାବୁଙ୍କ ରାଜନୈତିକ ଜୀବନ ଛାତ୍ର ଜୀବନରୁ ହିଁ ଆରମ୍ଭ ହୋଇଥିଲା । ୧୯୭୯ ମସିହାରେ ସେ ଭଦ୍ରକ କଲେଜ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ସବୁଠାରୁ ବଡ଼ କଥା ହେଉଛି ଛାତ୍ର ଜୀବନରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସହ ସଂପୃକ୍ତ ହୋଇ ଜଣେ ସକ୍ରିୟ ଛାତ୍ରନେତା ଭାବେ ନିଜକୁ ଗଢ଼ିଥିଲେ । ପରବର୍ତ୍ତୀ ସମୟରେ ସେ ବିଜେପିରେ ଯୋଗଦାନ କରିଥିଲେ । ୧୯୫୯ ଅପ୍ରେଲ ୧୫ରେ ଭଦ୍ରକ ଆଦମପୁର ଠାରେ ତାଙ୍କର ଜନ୍ମ । ଜଣେ ସ୍ୱଳ୍ପଭାଷୀ, ବନ୍ଧୁବତ୍ସଳ ଓ କର୍ମୀଙ୍କ ପାଇଁ ସବୁବେଳେ କେବଳ ମାର୍ଗପୁରୋଧା ନୁହଁ ବରଂ ଜଣେ ସୁଖଦୁଃଖର ସାଥୀ ଭାବେ ପରିଚିତ । ଓଡ଼ିଶା ବିଜେପରି ସଭାପତି ଭାବେ ପୁନର୍ବାର ଦାୟିତ୍ୱ ଗ୍ରହଣ କରିଥିବା ମନମୋହନ ବାବୁଙ୍କୁ ଅଭିନନ୍ଦନ । ତାଙ୍କରି ନେତୃତ୍ୱ, ମାର୍ଗଦର୍ଶନ, ମାର୍ଗ ପୁରୋଧା, ପ୍ରେରଣା ଦଳୀୟ କର୍ମକର୍ତ୍ତା, ସଙ୍ଗଠକ କର୍ମୀ ମାନଙ୍କୁ ପ୍ରେରଣା ଯୋଗାଉ ଓଡ଼ିଶାବାସୀଙ୍କୁ ଆହୁରି ସମର୍ପଣ ଭିତିକ ସେବା ପ୍ରଦାନ କରିବା ପାଇଁ । ଓଡ଼ିଶାର ବିକାଶ ହେଉ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବ ଭାରତର ବିକାଶରେ ଓଡ଼ିଶା ସାମିଲ ହୋଇ ନୂଆ ଓଡ଼ିଶା ଗଠନ ହେଉ ଏହା ହିଁ କାମନା ।

*ଥାଇକୋ, ଅଲିକଂଟା, ବାଲିକୁଦା,*
*ଜଗତସିଂହପୁର-୭୫୪୧୦୮,*
*ଦୂରଭାଷ : ୭୦୦୮୪୩୮୯୫୯*

# ବିଶ୍ୱର ଜନସଂଖ୍ୟା ବୃଦ୍ଧି ଉପରେ ଲଗାମ ଲାଗୁ



ନିମାଇଁ ଚରଣ ଦାସ

ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଏ । ୧୯୮୭ ମସିହା ଜୁଲାଇ ୧୧ ତାରିଖରେ ବିଶ୍ୱର ଜନସଂଖ୍ୟା ୫୦୦କୋଟି ଥିଲା । କିନ୍ତୁ ବର୍ତ୍ତମାନ ସୁଦ୍ଧା (୨୦୨୩ ଜନଗଣନା ଅନୁସାରେ) ୮.୦୬.୧୯କୋଟିରେ ପହଂଚିଛି । ୨୦୨୫ ସୁଦ୍ଧା ଏହା କେତେ ହୋଇଥିବ ତାହା ଆପଣମାନେ ଅନୁମାନ କରିପାରୁଥିବେ । ସେତେବେଳେ ବିଭିନ୍ନ ଦେଶର ବୁଦ୍ଧିଜୀବୀମାନେ ଜନସଂଖ୍ୟାର ସଙ୍କଟ ବିଷୟରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ଏହାକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି । ବିଶ୍ୱର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଅନୁଶୀଳନ କରିବାର ସମୟ ଆସିଛି । ଜନସଂଖା ବୃଦ୍ଧିର ଭୟାବହତ ସମ୍ପର୍କରେ ବିଶ୍ୱାବାସୀଙ୍କୁ ସଚେତନ କରାଇବା ଲାଗି ମିଳିତ ଜାତିସଂଘରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ତଦନୁଯାୟୀ ୧୯୮୯ ମସିହାରୁ ଜୁଲାଇ ୧୧ ତାରିଖକୁ ବିଶ୍ୱ ଜନସଂଖ୍ୟା ଦିବସ ରୂପେ ପାଳନ କରାଯାଉଛି । ବିଶ୍ୱର ଜନସଂଖ୍ୟା ଯେଉଁଭଳି ଭାବେ ବୃଦ୍ଧି ପାଉଛି ସେଥିପାଇଁ ସ୍ଥିର ଭବିଷ୍ୟତ ଓ ସମସ୍ତଙ୍କ ପାଇଁ ଅଧିକାର ସୁରକ୍ଷା କରିବା ଆମ ପାଇଁ ଏକ ଆହ୍ୱାନ ।

ଅନ୍ୟପକ୍ଷରେ ଆମ ଦେଶର ଲୋକସଂଖ୍ୟା ୨୦୧୧ମସିହାରେ ୧୨୧କୋଟି ଥିଲା ବେଳେ ଏବେ ତାହା ୧୪୬.୩୯ କୋଟି ଭିତରେ ହେବ ବୋଲି ଆକଳନ କରାଯାଇପାରେ । ଜନସଂଖ୍ୟା ଦୃଷ୍ଟିରୁ ଭାରତ ସମଗ୍ର ପୃଥିବୀରେ ସବୁଠୁ ଜନବହୁଳ ରାଷ୍ଟ୍ର ଏବଂ ପ୍ରତ୍ୟେକ ବର୍ଷ ପ୍ରାୟ ୧.୮କୋଟି ଲୋକ ମୋଟ ଜନସଂଖ୍ୟାରେ ଯୋଗ ଦେଉଛନ୍ତି । ଏଠାରେ ସୂଚନା ଦିଆଯାଇପାରେ ଯେ, ସମଗ୍ର ପୃଥିବୀର ଭୂଭାଗର ମାତ୍ର ୨.୪ ପ୍ରତିଶତ ଭାରତରେ ଥିବା ସ୍ଥଳେ ପ୍ରାୟ ୧୭.୫ ପ୍ରତିଶତ ଜନସଂଖ୍ୟା ଏଠାରେ ବସତି ସ୍ଥାପନ କରନ୍ତି । ଏହି ପରିପ୍ରେକ୍ଷୀରେ ବିଶ୍ୱରେ ଅଧି ଜନବହୁଳ ଦେଶ ମଧ୍ୟରେ ଭାରତ, ଚୀନ୍, ଯୁକ୍ତରାଷ୍ଟ୍ର ଆମେରିକା, ଇଣ୍ଡୋନେସିଆ, ପାକିସ୍ତାନ, ବ୍ରାଜିଲ୍, ନାଇଜେରିଆ ବାଙ୍ଗଲାଦେଶ, ରୁଷ ଓ ମେକ୍ସିକୋ ରହିଛନ୍ତି ।

ଅନ୍ୟପକ୍ଷରେ କମ୍ ଜନସଂଖ୍ୟା ଥିବା ଦେଶମାନଙ୍କ ମଧ୍ୟରେ ସାନ୍ ମାରିନୋ, ମୋନାକୋ, ନାଉରୁ ଓ ଟୁଭାଲୁ ପ୍ରଭୃତି ରହିଛନ୍ତି । ଏହି ଦେଶମାନଙ୍କର ଲୋକ ସଂଖ୍ୟା ୪୦ ହଜାରରୁ କମ୍ । ସେହିପରି ସବୁଠାରୁ କମ୍ ଜନସଂଖ୍ୟା ଥିବା ଦେଶ ହେଉଛି ଭଟିକାନ୍‌ସିଟି ଯାହାର ଲୋକସଂଖ୍ୟା ମାତ୍ର ୮୮୨ ଭିତରେ । ଏଥିରୁ ଅନୁମାନ କରାଯାଇପାରେ ଯେ ପୃଥିବୀର ଅନ୍ୟାନ୍ୟ ଉନ୍ନତ ଦେଶ ତୁଳନାରେ ଦକ୍ଷିଣ ଆଫ୍ରିକୀୟ ଓ ଏସୀୟ ରାଷ୍ଟ୍ରମାନଙ୍କରେ ଜନସଂଖ୍ୟା ସମସ୍ୟା ଉତ୍କଟତର । ସେହିପରି ଆମ ରାଜ୍ୟ ଓଡ଼ିଶା କଥା ଚିନ୍ତା କଲେ ସଂପ୍ରତି ଜନଗଣନା ଅନୁସାରେ ଆମ ରାଜ୍ୟର ଜନସଂଖ୍ୟା ପ୍ରାୟ ୪.୫୪କୋଟି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଜନସଂଖ୍ୟା ବୃଦ୍ଧି ସମଗ୍ର ବିଶ୍ୱପାଇଁ ଚିନ୍ତାର କାରଣ ପାଲଟିଛି । ଯାହାକୁ ଅର୍ଥଶାସ୍ତ୍ରୀମାନେ ଜନ ବିସ୍ଫୋରଣର ଆଖ୍ୟା ଦେଇଛନ୍ତି । ଆମ ଦେଶର ଜନସଂଖ୍ୟାର ଅଭିବୃଦ୍ଧିକୁ ଦେଖିଲେ ୧୯୨୧ ମସିହା ପରଠାରୁ ଜନସଂଖ୍ୟାର ଆକାର ବଢ଼ିବାରେ ଲାଗିଛି । ୧୯୨୧ ମସିହାରେ ଭାରତରେ ଜନସଂଖ୍ୟା ୨୫ କୋଟି ଥିବାବେଳେ ୧୯୯୧ ମସିହାରେ ଏହି ସଂଖ୍ୟା ୮୪.୪କୋଟିରେ ପହଂଥିଲା । ସେହିପରି ୨୦୧୧ ମସିହା ଜନଗଣନା ଅନୁସାରେ ଏହା ଦ୍ରୁତ ଗତିରେ ବୃଦ୍ଧି ହୋଇ ୧୨୧.୦୨ କୋଟିରେ ପହଂଥିଲା । ଏବେ ଆମେ ବିଶ୍ୱରେ ଜନସଂଖ୍ୟା ବୃଦ୍ଧିରେ ପ୍ରଥମ ସ୍ଥାନ ଅଧିକାର କରିଛୁ । ଏହାହିଁ ହେଉଛି ଉଦ୍‌ବେଗର କାରଣ ।

ଏହି ଜନସଂଖ୍ୟା ବିସ୍ଫୋରଣ ଭାରତର ଅର୍ଥ ବ୍ୟବସ୍ଥା ସମ୍ମୁଖରେ ଏକ ବିରାଟ ଆହ୍ୱାନ, ଯାହାର ପ୍ରତିହତ ନିମନ୍ତେ ଆମକୁ ଏହା ସମ୍ପର୍କରେ ବିଶଦ୍ ଆଲୋଚନା ହେବା ଆବଶ୍ୟକତା ରହିଛି । ଆକାର ଦୃଷ୍ଟିରୁ ମଧ୍ୟ ଅତି ଉଚ୍ଚସ୍ତରର, ଏବେ ଜନସଂଖ୍ୟାର ଗୁଣାତ୍ମକମାନ ମଧ୍ୟ ନିମ୍ନ ଧରଣର । ଏହି ପରିପ୍ରେକ୍ଷୀରେ ଜନସଂଖ୍ୟା ବିସ୍ଫୋରଣ ଆର୍ଥିକ ବ୍ୟବସ୍ଥାରେ କି ପ୍ରଭାବ ପକାଇଛି, ତାହାର ବିଶ୍ଳେଷଣ ଏକାନ୍ତ ଆବଶ୍ୟକ । ଜନ ବିସ୍ଫୋରଣ ଦେଶରେ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାରକୁ ସ୍ୱଳ୍ପ କରେ । ୧୯୫୦-୧୯୫୧ରୁ ୧୯୯୦-୯୧ ମଧ୍ୟରେ ଜାତୀୟ ଆୟର ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ୪.୨୧ ପ୍ରତିଶତ ହୋଇଥିଲେ ହେଁ ମୁଣ୍ଡପିଛା ଆୟର ଅଭିବୃଦ୍ଧି ହାର ମାତ୍ର ୨.୧୪ ପ୍ରତିଶତ ଥିଲା । ଦ୍ରୁତ ଜନସଂଖ୍ୟା ବୃଦ୍ଧି ଦେଶରେ ଖାଦ୍ୟଦ୍ରବ୍ୟ ପାଇଁ ଅଧିକ ଚାହିଦା ସୃଷ୍ଟି କରେ । ପଂବାର୍ଷିକ ଯୋଜନାକାଳ ମଧ୍ୟରେ ଦେଶର ମୋଟ ଖାଦ୍ୟଦ୍ରବ୍ୟ ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇ ଦେଶ ଆତ୍ମନିର୍ଭରଶୀଳ ହେବାର ସଫଳତା ହାସଲ କରିଛି । ଏସବୁ ସତ୍ତ୍ୱେ ଦେଶରେ ଏବେ ମଧ୍ୟ ୨୭ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହି ଦୁଇବେଳା ଦୁଇମୁଠା ଖାଇବାକୁ ପାଉନାହାନ୍ତି । ଅନେକ ଶିଶୁ ପୁଷ୍ଟିହୀନତା ଓ ଖାଦ୍ୟାଭାବ ଜନିତ ରୋଗବ୍ୟାଧିର ଶୀକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାର ବୃଦ୍ଧିହାର ଦେଶର ସୀମିତ ଭୂମି ଉପରେ ଅଧିକ ଚାପ ସୃଷ୍ଟି ମଧ୍ୟ କରିଥାଏ । ଏଠାରେ ଉଲ୍ଲେଖଯୋଗ୍ୟଯେ, ଭାରତରେ ୧୯୫୧ରୁ ୨୦୧୧ ମସିହା ମଧ୍ୟରେ ମୁଣ୍ଡପିଛା ଚାଷଜମି ୦.୯ ହେକ୍ଟରରୁ ୦.୩ ହେକ୍ଟରକୁ ହ୍ରାସ ପାଇଛି । ଜନସଂଖ୍ୟା ବୃଦ୍ଧି ଦ୍ୱାରା ଦେଶରେ ବେକାରୀ ସମସ୍ୟା ସୃଷ୍ଟି ହୋଇଛି । ଯୋଜନା ଆୟୋଗ ହିସାବରୁ ଜଣାଯାଏ ଯେ, ୨୦୦୧ ମସିହା ସୁଦ୍ଧା ଦେଶରେ ୧୦୬ ନିୟୁତ ବେକାରୀ ସଂଖ୍ୟା ଥିଲା ।

ଭାରତ ଭଳି ଏକ ବିକଶିତ ରାଷ୍ଟ୍ରର ଆର୍ଥିକ ବିକାଶ ନିମିତ ପୁଞ୍ଜି ଗଠନର ବିଶେଷ ଗୁରୁତ୍ୱ ରହିଛି । ତେବେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବା ଦ୍ୱାରା ଲୋକମାନଙ୍କର ଉପଭୋକ୍ତା ସାମଗ୍ରୀରେ ଖର୍ଚ୍ଚ ଅଧିକ ବୃଦ୍ଧି ପାଉଛି । ଅନୁରୂପଭାବେ ସଂୟ ଆୟ ବୃଦ୍ଧି ସହିତ ତାଳଦେଇ ବୃଦ୍ଧି ପାଉନାହିଁ । ଏହା ପୁଞ୍ଜି ଗଠନରେ ସାହାଯ୍ୟ କରୁ ନାହିଁ, ତେଣୁ ଦେଶକୁ ଆର୍ଥିକ ଅଭିବୃଦ୍ଧି ନିମିତି ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡୁଅଛି । ଜନସଂଖ୍ୟଶ ବୃଦ୍ଧି ଦ୍ୱାରା ଲୋକମାନଙ୍କର ଶିକ୍ଷା, ଚିକିତ୍ସା ତଥା ବାସଗୃହର ପର୍ଯ୍ୟାପ୍ତ ସୁବିଧା ହୋଇପାରୁ ନାହିଁ । ଏହା ସବୁ ମାନବ ସମ୍ବଳ ବିକାଶ ନିମିତ ଆବଶ୍ୟକ । ଦେଶର ପ୍ରାୟ ୧୨ ପ୍ରତିଶତ ଲୋକଙ୍କ ବାସଗୃହ ନାହିଁ । ସାକ୍ଷରତା ହାର ୫୨.୧ରୁ ୭୫.୦ ପ୍ରତିଶତକୁ ବୃଦ୍ଧି ପାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ୨୪ ପ୍ରତିଶତରୁ ଅଧିକ ଲୋକ ନିରକ୍ଷର ଅଛନ୍ତି । ଏସବୁ ଜନସଂଖ୍ୟା ବୃଦ୍ଧିର କୁପରିଣାମ । ଜନସଂଖ୍ୟା ବୃଦ୍ଧି ପରିବେଶ ଓ ପର୍ଯ୍ୟାବରଣ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ଏଥିଯୋଗୁଁ ନିଯୁକ୍ତି ଓ ଉଚ୍ଚଶିକ୍ଷା ଆଶାରେ ବହୁଲୋକ ଛୋଟ ଓ ବଡ଼ ସହରାଭିମୁଖୀ ହେବାର ଦେଖାଯାଉଛି । ସହରମାନଙ୍କରେ ଛୋଟ ଛୋଟ ବସ୍ତି ଗଢ଼ିଉଠୁଛି । ସହର ଗୁଡ଼ିକରେ ଜଳ, ରାସ୍ତା, ପରିବହନ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅନୁଷ୍ଠାନ ଉପରେ ଚାପ ପଡୁଛି । ପରିବେଶ ଦୂଷିତ ହେଉଛି । ଏହାଦ୍ୱାରା ମଣିଷ ଓ ପ୍ରକୃତି ମଧ୍ୟରେ ସାମଞ୍ଜସ୍ୟ ରଖାଯାଇ ପାରୁନି । ତେଣୁ ଜଳ, ଜଙ୍ଗଲ, ବାୟୁ, ମୃତିକା ନାନାଭାବରେ ପ୍ରଭାବିତ ହେଉଛି । ମୃତିକା ଓ ଜଙ୍ଗଲ କ୍ଷୟଦ୍ୱାରା ମୌସୁମି ନିୟମିତ ଭାବେ ପ୍ରଭାବିତ ହେଉଛି । ପୃଥିବୀର ତାପମାତ୍ରାରେ ଅହେତୁକ ବୃଦ୍ଧି, ବାତ୍ୟା, ବନ୍ୟା ଓ ମରୁଡ଼ି ଇତ୍ୟାଦି ପ୍ରାକୃତିକ ଦୁର୍ବିପାକ ଦେଖାଯାଉଛି । ତେଣୁ ଜନସଂଖ୍ୟା ବୃଦ୍ଧି ଏସବୁ କାରଣ ପାଇଁ ମୁଖ୍ୟତଃ ଦାୟୀ । ତେଣୁ ଆମକୁ ଏବେଠାରୁ ସଚେତନ ହେବାକୁ ପଡ଼ିବ । ବର୍ଦ୍ଧିତ ଜନସଂଖ୍ୟା ଉପରେ ଲଗାମ ନଲଗାଇଲେ ଆଗକୁ ଏହା ଭୟଙ୍କର ରୂପ ନେବ ।

*ବରିଷ୍ଠ ସାମ୍ବାଦିକ,*
*ମୋ: ୭୯୭୮୭୦୪୮୮୪*

# ବର୍ତ୍ତମାନ ବିଜ୍ଞମାନଙ୍କର ସହଯୋଗ ଆବଶ୍ୟକ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସମସ୍ୟା ବର୍ତ୍ତମାନ ବହୁଲୋକଙ୍କର ଡାଇବେଟିସ ବହୁମୂତ୍ର ରୋଗ, ଡାକ୍ତରମାନେ ଏ ପାଇଁ ଔଷଧ, ଇଞ୍ଜେକ୍ସନ ବ୍ୟବସ୍ଥା ଏପରି ଖଞ୍ଜି ରଖିଛନ୍ତି ଯାହା ବ୍ୟକ୍ତିର ଏକ ସ୍ୱାସ୍ଥ୍ୟ ପାଇଁ ଆତଙ୍କରେ ଆସିଯାଇଛି । ମେଡ଼ିସିନ ଡାକ୍ତର ଔଷଧ ଦୋକାନ, ରକ୍ତପରୀକ୍ଷାଦିକାରୀ ରସାୟନ ଶାଳା, ଏବେ ଭଲ ରୋଜଗାରରେ ରହିଲେଣି । ପ୍ରତ୍ୟେକ ପରିବାରରେ ବହୁ ପରିବାର ସଦସ୍ୟ ଏ ରୋଗ ଭୋଗିଲେଣି । ଡାକ୍ତର ପରାମର୍ଶରେ ରୋଗୀଙ୍କୁ କହୁଛନ୍ତି ଭାତ ନଖାଇ ରୁଟି ଖାଅ । ରୁଟି ଗହମରୁ ପ୍ରସ୍ତୁତ । ଆମ ଓଡ଼ିଶାରେ ଗହମ ଚାଷ ବେଶୀ ଦୃଷ୍ଟିଗୋଚର ହେଉନାହିଁ । ଅନ୍ୟ ରାଜ୍ୟ ଓ ବାହାର ଦେଶରୁ ଏହା ଆମଦାନୀ ହୋଇ ଆସୁଛି ଅଥଚ ଆବହମାନ କାଳରୁ ଲୋକେ ଭାତ ଉପରେ ନିର୍ଭର କରି ଜୀବନ କାଟୁଥିଲେ ଖାଦ୍ୟ ମୂଳ ଉତ୍ସ ହିଁ ଚାଉଳର ଭାତ ।

ପୂର୍ବେ ଭାତରନ୍ଧାର ପ୍ରଣାଳୀ ଏବେ ବିଲୁପ୍ତ । ରନ୍ଧନ ପାଇଁ ରନ୍ଧନ ପାତ୍ର ବି ଦୁର୍ଲ୍ଲଭ । ରନ୍ଧନ ପାଇଁ ଉଦ୍ଭିଦ ଅଙ୍ଗ କାଠ ପତ୍ର ଜାଳେଣୀ ହେଉଥିଲା ମାଟିର ହାଣ୍ଡି ମାଟିର ତିନି ଝିଙ୍କା ଚୁଲି ଏକ କେବେ ଦେଖିବାକୁ ମିଳୁନାହିଁ । କାଠ ଇନ୍ଧନ କାହାଘରେ ଜଳୁଛି ଏକଥା ଖୋଜ କଲେ ବୁଝାଯିବ ଜଙ୍ଗଲ ଅଂଳ ଆଦିବାସୀ ଅଂଳରେ ଏହା ଦୃଶ୍ୟ ହୋଇପାରେ । ଆମ ରାଜ୍ୟର ଶ୍ରୀଜଗନ୍ନାଥ ମନ୍ଦିରର ରୋଷଶାଳାରେ କାଠଜାଳ ମାଟି କୁଡୁଆ ହାଣ୍ଡିର ରୋଷେଇ ଦେଖିବାକୁ ମିଳୁଛି । ଧାନରୁ ଚାଉଳ, ବାହାରିଲେ ବି ଚାଉଳ ପ୍ରକୃତରେ ତିନି ପ୍ରକାର ହୁଏ । ସୂର୍ଯ୍ୟତାପ ଧାନ କୁଟାଯାଇ ଅରୁଆ ଚାଉଳ, ଏହାକୁ ପାର୍ଶ୍ୱବଙ୍ଗ ରାଜ୍ୟରେ କହନ୍ତି ଆତପଚାଲ ଓଡ଼ିଆରେ ଅରୁଆ ଚାଉଳ । ଏହା ଶୁଦ୍ଧ ସାତ୍ୱିକ ଭୋଜନରେ ପିଠାପଣା ପିଠୋଉ ମୁରୁଜରେ ଲାଗେ । ଆଉ ଏକ ଚାଉଳ ଗରମ ପାଣିରେ ପଡ଼ି ଅର୍ଦ୍ଧ ସିଦ୍ଧ ହୋଇ ଚାଉଳ କରାଯାଏ ଯାହା ଉଆ ଚାଉଳ ଭିନ୍ନ ପ୍ରକାର ଉଷୁନା ଚାଉଳ ଧାନକୁ ଜଳ ଦେଇ ବା ବାମ୍ଫିରେ ସିଝାଇ ତାକୁ ସୂର୍ଯ୍ୟ କିରଣ ଓ ବାୟୁରେ ଶୁଷ୍କକରି ତାକୁ କୁଟି ଉଷୁନା ଚାଉଳ କରାଯାଏ । ଏସବୁ ଚାଉଳ ପାଇଁ ଏକ ଏକ ବିହିତ ପ୍ରଣାଳୀ ଗତାନୁଗତ ଭାବରେ ଶିକ୍ଷାକରି ଭୋଜନରେ ପ୍ରୟୋଗ କରୁଛନ୍ତି । ରୋଷେଇ ପ୍ରାଚୀନ ପ୍ରଣାଳୀ ଏବେ ବିଲୁପ୍ତ ମାଟିହାଣ୍ଡି, ବିଲୁପ୍ତ ଉଷୁନା ଚାଉଳର ବହୁଳ ବ୍ୟବହାର ହେଲେ ବି ଢ଼େଙ୍କିକୁଟା ଚାଉଳ ନାହିଁ ଏପରିକି ହଳର କୁଟା ଚାଉଳ ପାଇଁ ଏବେ ପୂର୍ଣ୍ଣ କାଣ୍ଡିଆ କୁଣ୍ଡା ଛଡ଼ା ଉଷୁନା ଚାଉଳ । ଏହି ଚାଉଳ ପୂର୍ବ ପାରମ୍ପରିକ ଧାନ ବିହନର ଧାନରୁ ଚାଷରୁ ପ୍ରାପ୍ତ ଧାନରୁ ମିଳୁନାହିଁ । ଏବେ ଶଙ୍କର ଧାନ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଚାଷରୁ ଆମଦାନୀ । ତୃପ୍ତିମୁଠାଏ ପଖାଳ ଖାଇ ଲୋକେ ବିଭିନ୍ନ ଚାଷ ବାସ ବୃତି ବାହାରି ଯାଇ ଶ୍ରମ କରି କରି ହାଲିଆ ହୋଇ ଆସି ଗୃହରେ ସେହି ପଖାଳ ଖାଇଲେ ବି ପୂର୍ଣ୍ଣ ସ୍ୱାସ୍ଥ୍ୟବାନ ଥିଲେ । ନିରୋଗ ଶରୀର ହୃଷ୍ଟପୃଷ୍ଟ ଥିଲେ । ଏ ଡାଇବେଟିସ ସେତେବେଳେ ନଥିଲା ବା ଥିଲେ ବି ଏତେ ବ୍ୟାପକ ପ୍ରାଣ ଆତଙ୍କ ନଥିଲା, ଲୋକେ ଦୀର୍ଘ ଜୀବନ ସୁସ୍ଥ ରହି ବାର୍ଦ୍ଧକ୍ୟରେ ବି କର୍ମମୁଖର ଥିଲେ । ଖାଲି ଭାତ ଲୋକେ ଖାଆନ୍ତି ନାହିଁ ପୋଡ଼ା ଭଜା, ଶାଗ, ତିଅଣ, ଡାଲି, ଏହା ସହିତ ଖାଦ୍ୟକୁ ଆଯାଦି ଚାଟିକର କରୁଥିଲା । ଏମିତି ସମୟ ହେଲା ତିଅଣ ତରକାରୀ ଭଜା ପାଇଁ ପରିବା ଶାଗ ଏବେ ଶଙ୍କର ଫସଲରେ ଓ ପ୍ରବଳ ସାର ପ୍ରୟୋଗରେ ଉତ୍ପାଦନ ହେଉଛି । ମାଟି ହାଣିରେ ଯେତେ ଉତାପରେ ରୋଷଇଥିଲା ଏବେ ହିନ୍ଦଲିୟମ, ଆଲୁମିନିୟମ ଷ୍ଟିଲ ପାତ୍ରରେ କୋଇଲା ଗ୍ୟାସରେ ପ୍ରସ୍ତୁତ ଅନ୍ୟ ଭୋଜନ ପରିପାକ କ୍ରିୟାରେ ଏକ ଭିନ୍ନ ଧରଣର ପ୍ରକ୍ରିୟା କରାଉଛି । ପଖାଳ ମାଟି ହାଣ୍ଡିର ଓ ଧାତବ ହାଣ୍ଡିର ଏ ଦୁଇ ସ୍ୱାଦକୁ ଅଲଗା ଅଲଗା ସଛିଦ୍ର ମାଟିହାଣ୍ଡିରେ ପଖାଳ ଥଣ୍ଡାରହେ ଓ ଶୀଘ୍ର ପଚେ ନାହିଁ । ପେଟ ଖରାପ ହେଲେ ଅଲଣା ତୋରାଣୀ ବା ଲୁଣପକା ତୋରାଣୀ ପେଟରେ ବହୁଉପକାରୀ । ପୁରୀ ମନ୍ଦିର ଓଳିରେ ମହାପ୍ରସାଦର ତୋରାଣୀ ଜଳ ଅମୃତ ତୁଲ୍ୟ ଲାଗେ । ଓଳାଷୁଣୀର ଆଶ୍ରମରେ ଏପରି ସେ ସ୍ଥାନରେ ପ୍ରସ୍ତୁତ ରହିଥିବା ତୋରାଣୀ ଜଇ ଅନେକ ପେଟ ରୋଗ ଭଲ ହେଉଥିବା ଲୋକବାକ୍ୟ ରହିଛି ଏକଥା ବି ସତ୍ୟ । ଏମିତି ଜଗତସିଂହପୁର ଜଗନ୍ନାଥପୁର ତୀରଣ ପାଖ ଏକ ମଠରେ ସେହି ତୋରାଣୀ ପୂର୍ବେ ଉପଲବ୍ଧ ଥିଲା । ବହୁ ମାଟି କାମ କରୁଥିବାବେଳେ ଶ୍ରମିକ ଘରୁ ପଖାଳ ତୋରାଣୀ ହାଣ୍ଡି ତାଙ୍କର କର୍ମମୟ ସ୍ଥାନକୁ ଆଣି ସୁବିଧାରେ ରଖି ମଧ୍ୟାହ୍ନ ଭୋଜନରେ ସେହି ପଖାଳ ତୋରାଣୀ ଖାଇ କାମ କରନ୍ତି । ସେମାନେ ସଦା ସବଳ । ଚାଷୀ ପରିବାରରେ ପୋଡ଼ା ଶୁଖିଲା, ବାଇଗଣ ଆଳୁ ସାରୁ ପୋଡ଼ା ଶାଗଭଜାରେ କଂସା କଂସା ପଖାଳ ଲୋକେ ସଦା ଭୋଜନ କରୁଥିଲେ ଏବେ ଏସବୁ ହାରରେ ବହୁତ କମ ।

ବୈଜ୍ଞାନିକ ଡାକ୍ତର କୃଷି ବିଭାଗର ବିଜ୍ଞମାନେ ସମୁହ ଉଦ୍ୟମରେ ଧାନ ଗୁଡ଼ିକ କେମିତି ଏସବୁ ରୋଗ ସୃଷ୍ଟି ନକରିବ ତାକୁ ବିଚୁର୍ଣ୍ଣ କରି ଡାଇବେଟିସ ଜଡ଼ ଖୋଜି ତାର ସଂସ୍କାର କରି ନୂତନ ଧାନ ଚାଉଳ ପ୍ରସ୍ତୁତ କରିଲେ ଲୋକେ ଡାଇବେଟିସରୁ ମୁକ୍ତ ହୋଇ ପାରନ୍ତେ । ସେପରି ଆଳୁ କନ୍ଦମୂଳ ସାରୁ ପରି ମାଟି ତଳିଆ ପରିବାରେ କଣ ରସାୟନ କମାଇବା ବଢ଼ାଇ ପ୍ରସ୍ତୁତ ନୂତନ ରୂପେ ଦେଲେ ଏ ରୋଗର ଜାତ ହେବନାହିଁ ଏହା ଭାବି ଚିନ୍ତି ଆଶୁ ଚେଷ୍ଟାକଲେ ଦେଶରେ ଖାଦ୍ୟର ଅନାଟନ କମିବ ରୋଗ କମିବ ଚିକିତ୍ସା ବିଭ୍ରାଟ କମିବ । ଏ ଦୁସାଧ ବୋଧ ହେଲେ କେବେ ଅସାଧ ନୁହେଁ । ପାରିବାରିକ ଶସ୍ୟରୁ ଯେଉଁ ଯେଉଁ ପଦ୍ଧତି ଅନୁସରଣରେ ଭବ୍ୟ ଶଙ୍କରଶସ୍ୟ ରୂପ ନେଇଛି ସେହି ପଦ୍ଧତିରେ କିଛି ସଂସ୍କାର ଆଣିଲେ ଖାଦ୍ୟ ପ୍ରସ୍ତୁତ ଧାରାରେ ଶ୍ୱେତସାରରେ କଣ ସଂସ୍କାର କଲେ ମାନବ ଶରୀରରେ ଡାଇବେଟିସ ପ୍ରଭାବ ରହିବ ନାହିଁ ଏହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରାଯିବା ଦରକାର । ଔଷଧ ମାନଙ୍କରେ ଧୂମପାନ ଦ୍ରବ୍ୟରେ ମଦ୍ୟରେ ବିଷ ଲେଖାଅଛି ହେଲେ ଅନୁପାନ ଓ ଯୁକ୍ତିଯୁକ୍ତ ସ୍ଥଳରେ ଏହା ପ୍ରୟୋଗ କରାଗଲେ ମାନବ ଶରୀରର ରୋଗାଦି ଅପସାରଣ ହେଉଛି । ସେହିପରି ଶଙ୍କର ପଦ୍ଧତିରେ ଶସ୍ୟ ନିର୍ମାଣରେ ଏହାର ମାତ୍ରାଦି କମ ବେଶୀ କରାଯାଇପାରେ । ପୂର୍ବେ ଶସ୍ୟ କ୍ଷେତ୍ରରେ ଖତ ପଡ଼ିଆ ପାଉଁଶ ଗୋବର ଗୋମୁତ୍ର ବ୍ୟବହାର କରାଯାଉଥିଲା ନଦୀ ବନ୍ୟାର ପଟୁମାଟି ଶସ୍ୟ କ୍ଷେତ୍ରର ଲବଣ ଖାରି ଅଂଶ ନଷ୍ଟ କରୁଥିଲା ଓ ଅତି ଉର୍ବର ମୃତିକା କରି ଧାନ କ୍ଷେତ୍ରରେ ଉତମ ଫଳନ ଦେଉଥିଲା । ସବୁଜ ସାର ପାଇଁ ଧନିଚା ଚୀନୀ ଆଦି କ୍ଷେତ୍ର ଭୂମିରେ ଆନୁସଙ୍ଗିକ ଚାଷରେ ରହୁଥିଲା । କ୍ଷେତ୍ରମାଟିରେ ଏକ ପର୍ଯ୍ୟାୟ ଭିନ୍ନ ଚକ୍ର ଚାଲିଥିଲା । ଧାନ ବିଲରେ ଜିଆ ରହୁଥିଲେ ଯେଉଁମାନେ କ୍ଷେତ୍ରମାଟିକୁ ସଛିଦ୍ର ରଖୁଥିଲେ ମାଟିରେ ଚାଷ ବେଳେ ଝିଂଟିକା ପୋକଯୋଗ ସୃଷ୍ଟି ହୁଅନ୍ତି ତାକୁ ଧାନ କିଆରୀରେ ଚୁନା ମାଛ ଗଡ଼ିଶା ବେଙ୍ଗ ଆଦି ଯମପରି ଖାଇ ଯାଉଥିଲେ । ସେମାନଙ୍କୁ ଧଣ୍ଡ ସାପ ଖାଇବା ଦେଖାଯାଉଥିଲା । ପାରଦୃଷ୍ଟେ ଖରାବର୍ଷା ତାରତମ୍ୟରୁ ଏ ଜୀବମାନେ କହୁଥାନ୍ତି ଧାନ କ୍ଷେତ୍ରରେ ସୃଷ୍ଟି ଓ ଧ୍ୱଂସର ହେଉଥିଲେ । ଏବେ ପୋକ ମରା ଔଷଧ ସାର ଆଦି ପ୍ରୟୋଗରୁ ଧାନ ବିଲରୁ ମିଳୁଥିବା ଚୁନାମାଛ ଦୁର୍ଲ୍ଲଭ । କାର୍ତିକ ମାସରେ ଲୋକେ ମାଛ ଖାଆନ୍ତି ନାହିଁ । ସେ ଚୁନାମାଛ ପ୍ରଚୁର ବୃଦ୍ଧି ବେଳକୁ ନିଗିଡ଼ା ଯୌସଗ ଲୋକେ ମାଛ ବିଭିନ୍ନ ଉପାୟରେ ମାରି ପିତା ଶୁଖୁଆ କରି ପର ସମୟ ପାଇଁ ରଖୁଥିଲେ । ଯାହା ଏବେ ଏଇଟା ଲୋକ କଥା ହେଲାଣି । ଧାନ ପାଚିଲେ କଟାଯାଏ । କଟାଯିବା ପରେ କଚଡ଼ା ପଡ଼େ ଏଇ କଚଡ଼ାରୁ ଧାନ କେଣ୍ଡା ମୂଷାମାନେ ଖାଇ ଯାଆନ୍ତି ପୁଣି ହିଡ଼ରେ ଗର୍ତକରି କେଣ୍ଡା ଗୁଡ଼ିକୁ ନେଇ ସଂୟ କରନ୍ତି । ତାଙ୍କୁ ନଷ୍ଟ ପାଇଁ ତମ୍ପ ଗୋଖର ନାଗ ଆଦି ସର୍ପ ତତ୍କାଳ ସମୟରେ ପାଚିଲା ଧାନ କ୍ଷେତ୍ରରେ ଦେଖାଯାଆନ୍ତି । ଏହାବି ଏକ ବିରଳ । ବିଜ୍ଞ ବିଜ୍ଞାନୀମାନେ ବହୁ ପର୍ଯ୍ୟାୟ କୃଷିଜାତ ଖାଦ୍ୟ ଉପଯୋଗୀ ତଥ୍ୟ ବାହାର କଲେଣୀ ଏବେ ଏସବୁ ବିଷୟରେ ଧ୍ୟାନ ନଦେଲେ ଚାଉଳ ଥାଇ ଲୋକେ ଉପବାସ ଭୋଗିବା ସାର ହେବ । ଜୟ କିଷାନ ଜୟ ବିଜ୍ଞାନ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ପୂର୍ବୋଦୟ ଓଡ଼ିଶା ଓ ଲୋକଙ୍କ ସରକାର



ବାଦଲ ଭୂୟାଁ

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଶାସନରେ ପୂର୍ବ ଭାରତକୁ ପ୍ରାଥମିକତା ଦେଇଛନ୍ତି ଏବଂ ଓଡ଼ିଶା ପୂର୍ବ ଭାରତ ବିକାଶର ପ୍ରବେଶ ପଥ ହୋଇଛି । ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଏପରି ବେଗବାନ ହୋଇଛି ଯେ ଜାତୀୟ ସ୍ତରରେ ଓଡ଼ିଶା ପ୍ରଗତିରେ ନିଜକୁ ଯଥେଷ୍ଟ ଆଗକୁ ନେଇ ପାରିଛି । ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶାରେ ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି ନିଜକୁ ସ୍ୱାବଲମ୍ବୀ ରାସ୍ତାରେ ଆଗେଇ ପାରିଛନ୍ତି । ୨୦୧୪ରୁ ଦେଶରେ ଗାନ୍ଧୀ - ଦୀନଦୟାଲଙ୍କ ଓ ଅନ୍ତୋଦ୍ୟୟର ଯୋଜନା ଚାଲୁଛି । ମୋଦିଜୀଙ୍କ ଯେଉଁ ସ୍ଲୋଗାନ ରହିଛି 'ସବ୍‌କା ସାଥ, ସବକା ବିକାଶ, ସବକା ପ୍ରୟାସ, ସବକା ବିଶ୍ୱାସ' ତାହା ଓଡ଼ିଶାରେ ଏକ ସଫଳ ବାର୍ତ୍ତା ପହଞ୍ଚାଇନି ଏହାକୁ ସଫଳ ଯୋଜନାରେ ରୂପାୟନ କରିପାରିଛି । ସୁଭଦ୍ରାରେ ଏକ କୋଟିରୁ ଅଧିକ ମହିଳା, ୧୬ ଲକ୍ଷରୁ ଅଧିକ ଲକ୍ଷପତି ଦିଦି । ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଗରିବ ପରିବାରର ଝିଅ ମାନଙ୍କର ବିବାହକୁ ଯାକଜକମରେ କରିବାର ବ୍ୟବସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ ମାଧ୍ୟମରେ ରାଜ୍ୟର ଅର୍ଥନୀତିକୁ ବଡ଼ କରିବାର ବଡ଼ ଯୋଜନା ତ୍ୱରାନ୍ୱିତ ହୋଇଛି । ୮୦୦ ଟଙ୍କାର ଧାନ ଉପରେ ଇନପୁଟ ସବସିଡି ଦେଇ ଧାନର କ୍ୱିଣ୍ଟାଲ ପିଛା ମୂଲ୍ୟ ୩୧୦୦ ଟଙ୍କା କରିବା ହେଉଛି ମୋହନ ସରକାରଙ୍କର ବଡ଼ ନିଷ୍ପତ୍ତି । ଉତ୍କର୍ଷ ଓଡ଼ିଶା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦିଜୀ ଯୋଗ ଦେଇ ଶିଳ୍ପପତି ମାନଙ୍କୁ ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରି ସେମାନଙ୍କୁ ଯେଉଁ ମୋଦି ଗ୍ୟାରେଣ୍ଟିର ପ୍ରତିଶ୍ରୁତି ଦେଲେ ତାହାର ସୁଫଳ ଓଡ଼ିଶାକୁ ମିଳିଛି । ଓଡ଼ିଶାକୁ ପାଖାପାଖି ୧୭ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶର ଯୋଜନା ପହଞ୍ଚିଲାଣି । ଓଡ଼ିଶାରେ ଶିଳ୍ପାୟନ ଓ ପୂର୍ବ ଭାରତର ବିକାଶର ପଥ ଆଲୋଚନା କଲାବେଳେ ଆମେ ଓଡ଼ିଶାର ସଫଳ ଓ ଅଭିବୃଦ୍ଧି ସମ୍ପନ୍ନ ତଥା ଶିଳ୍ପାୟନର ଉତ୍କୃଷ୍ଟ କ୍ଷେତ୍ର କୁହାଯାଉଥିବା ଜଗତସିଂହପୁର କଥା ଏଠାରେ ରଖୁଛୁ । ୨୦୩୬ ଆମର ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ କରିବାକୁ ଯାଉଥିବାବେଳେ ଓଡ଼ିଶାର ଡବଲ ଇଞ୍ଜିନ ସରକାର ବାସ୍ତବିକ ଖୁବ କମ ଦିନ ମଧ୍ୟରେ ଓଡ଼ିଶାବାସୀଙ୍କ ବିଶ୍ୱାସ ଓ ହୃଦୟ ଜିତିବାରେ ସମର୍ଥ ହୋଇଛି । ଗୋଟିଏ ବର୍ଷ ତଳେ ମୋହନ ଚରଣ ମାଝୀଙ୍କ 'ଲୋକଙ୍କ ସରକାର' ଯେଉଁ ପ୍ରଥମ କ୍ୟାବିନେଟ ମିଟିଂ କରିଥିଲେ ସେଥିରେ ପ୍ରମୁଖ ନିଷ୍ପତ୍ତି ଥିଲା ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲା ନିଷ୍ପତ୍ତି । ସେହିପରି ମହାପ୍ରଭୁଙ୍କ ପାଇଁ ୫୦୦ କୋଟିର କପସ୍ ଫଣ୍ଡ ସହ ମହିଳା ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଓ ଅନ୍ନଦାତା କୃଷକ ଭାଇଭଉଣୀଙ୍କ ପାଇଁ ସବସିଡି ମାଧ୍ୟମରେ ଧାନ କ୍ୱିଣ୍ଟାଲ ଦାମ ୩୧୦୦ ଟଙ୍କାରେ ପହଞ୍ଚିଲା । ଆଜି ଓଡ଼ିଶା ବିକାଶର ଯେଉଁ ଶୀର୍ଷତାରେ ପହଞ୍ଚିଛି ତାହା ଅନ୍ୟ ରାଜ୍ୟ ପାଇଁ ପ୍ରେରଣା ସୃଷ୍ଟି କରିଛି । ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ପୂର୍ବ ଦ୍ୱାର ବିକାଶର ମୁଖଶାଳା ପାଲଟିଛି ଜଗତସିଂହପୁର ଓ ପାରାଦ୍ୱୀପ । ଆଜି ଜଗତସିଂହପୁରରେ ଯେଉଁ ବ୍ୟାପକ ବିକାଶ ହୋଇପାରିଛି ସେ ସବୁର ଶ୍ରେୟ ଯିବ ସାଂସଦ ତଥା ମାଟିର ପୁଅ ବିଭୁପ୍ରସାଦ ତରାଇଙ୍କୁ । ଯୋଗାଯୋଗ, ରାସ୍ତାଘାଟ, କୃଷି, ଶିଳ୍ପ, ଶିକ୍ଷା, ଚିକିତ୍ସା ସେବା ଆଦି ସବୁ କ୍ଷେତ୍ରରେ ବିକାଶ ଲାଭ କରିଛି । ପାରାଦ୍ୱୀପରେ ଗୁରୁତ୍ୱପୂର୍ଣ୍ଣ ଦ୍ରୁତ ଶିଳ୍ପ ଅଭିବୃଦ୍ଧି ହେଉଛି ତାଙ୍କରି ବ୍ୟକ୍ତିନିଷ୍ଠ ଉଦ୍ୟମର ଫଳ । ଯାହାଫଳରେ ଅନେକ କର୍ମ ନିଯୁକ୍ତି ସୃଷ୍ଟି ହୋଇଛି ଏବଂ ବ୍ୟାପକ ଭାବରେ ଯୁବ ବର୍ଗ ଏହାର ସୁଫଳ ମଧ୍ୟ ପାଉଛନ୍ତି । କହିବାକୁଗଲେ ଉପକୂଳବର୍ତ୍ତୀ ଜଗତସିଂହପୁର ସାଂସଦ ନିର୍ବାଚନୀ କ୍ଷେତ୍ରରେ ଦ୍ରୁତ ବିକାଶ ସମ୍ଭବ ହୋଇପାରିଛି ବିଭୁ ପ୍ରସାଦ ତରାଇଙ୍କ ପାଇଁ । ତାଙ୍କରି ବ୍ୟକ୍ତିନିଷ୍ଠ ଓ ଦୂରଦର୍ଶୀ ଚିନ୍ତାସମ୍ପନ୍ନ ଯୋଜନାର ସୁଫଳ ସ୍ଥାନୀୟବାସୀ ପାଉଛନ୍ତି । ମୋହନ ସରକାର ପାଞ୍ଚ ବର୍ଷରେ ଦେଢ଼ଲକ୍ଷ ସରକାରୀ କର୍ମଚାରୀ ପଦ ପୂରଣ ସମ୍ପର୍କରେ ତାଙ୍କ ନିର୍ବାଚନ ସମୟର ସଂକଳ୍ପ ପତ୍ରରେ ଉଲ୍ଲେଖ ରହିଥିଲା ତେବେ ତାଙ୍କ ଶାସନର ଗୋଟିଏ ବର୍ଷ ଭିତରେ ୨୭ ହଜାର କର୍ମଚାରୀ ପଦ ପୂରଣ ହୋଇଛି । ପଛୁଆବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି । ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ମାଗଣା ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ଏକ ଉତ୍କୃଷ୍ଟ ଯୋଜନା । ଏହାର ବିଶେଷ ଲାଭ ପ୍ରବାସୀ ମେହନତୀ ବର୍ଗ ପାଉଛନ୍ତି । ଓଡ଼ିଶା ଅର୍ଥନୀତିର ଆକାର ବର୍ତ୍ତମାନ ୧୧୩ ବିଲିୟନ ଡଲାର ରହିଛି । ୨୦୪୭ ସୁଦ୍ଧା ଏହାକୁ ୧୩ ଗୁଣା ବଢ଼ାଯାଇ ୧.୫ ଲକ୍ଷ କୋଟି ଡଲାରରେ ପହଞ୍ଚା ଯିବାର ଯୋଜନା ମୋହନ ସରକାର ରଖିଛନ୍ତି । ମୋହନ ସରକାରଙ୍କ ଦୁଆର ସମସ୍ତଙ୍କ ପାଇଁ ଖୋଲା । ସେ ଜଣେ ଅତ୍ୟନ୍ତ ସରଳ ବ୍ୟକ୍ତିତ୍ୱ । ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ ମୋହନ ସରକାରଙ୍କ ପ୍ରତିବଦ୍ଧତା ପ୍ରତି ପ୍ରତିକୋଣରୁ ସମର୍ଥନ ରହିବା ଅତ୍ୟନ୍ତ ଜରୁରୀ ।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର**

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Friday July 11 ଭୁବନେଶ୍ୱର ଶୁକ୍ରବାର, ୧୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଟେନିସ ଖେଳାଳି ରାଧିକା ଯାଦବଙ୍କୁ ଗୁଳି କରି ମାରିଦେଲେ ତାଙ୍କ ବାପା





ଭୁବନେଶ୍ୱର,(ପି.ଏନ):ହରିୟାଣାର ଜାତୀୟ ସ୍ତରୀୟ ଟେନିସ ଖେଳାଳି ରାଧିକ ଯାଦବ(୨୫)ଙ୍କୁ ତାଙ୍କ ବାପା ଗୁଳି କରି ହତ୍ୟା କରିଛନ୍ତି। ଗୁରୁଗ୍ରାମ ସ୍ଥିତ ତାଙ୍କ ଘରେ ଘଟିଛି ଏହି ଘଟଣା। ରାଧିକା ଯାଦବ ଗୁରୁଗ୍ରାମର ସେକ୍ଟର ୫୭ର ସୁଶାନ୍ତ ଲୋକ ଫେଜ୍-୨ରେ ତାଙ୍କ ପରିବାର ସହିତ ରହୁଥିଲେ। ଆଜି ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ତାଙ୍କ ବାପା ଦୀପକ ଯାଦବ ତାଙ୍କ ଉପରକୁ ୫ ରାଉଣ୍ଡ ଗୁଳି କରିଥିଲେ। ୩ଟି ଗୁଳି ରାଧିକାଙ୍କ ଶରୀରରେ ବାଜିଥିଲା।ରାଧିକାଙ୍କୁ ତୁରନ୍ତ ସ୍ଥାନୀୟ ଏକ ଘରୋଇ ହସ୍ ?ପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।ପୁଲିସ ରାଧିକାଙ୍କ ବାପାଙ୍କୁ ଗିରଫ କରିଛି। ତାଙ୍କଠାରୁ ଏକ ବନ୍ଧୁକ ଜବତ କରାଯାଇଛି। ରାଧିକାଙ୍କୁ ତାଙ୍କ ବାପା କାହିଁକି ମାରିଲେ, ତାହା ସ୍ପଷ୍ଟ ହୋଇପାରିନାହିଁ। ପୁଲିସ ସେ ଦିଗରେ ତଦନ୍ତ ଚଳାଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀ, ରାଧିକାଙ୍କୁ ରିଲ୍ ?ସ ନିଶା ଘାରିଥିଲା। ସେ ସବୁବେଳେ ରିଲ୍ସ କରି ଇନ୍ଷ୍ଟାଗ୍ରାମ ଓ ଅନ୍ୟାନ୍ୟ ସୋଶାଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟ କରୁଥିଲେ। ଏହାକୁ ତାଙ୍କ ବାପା ପସନ୍ଦ କରୁ ନଥିଲେ। ଏହା ତାଙ୍କ ପରିବାର ପାଇଁ ଲାଜର କଥା ବୋଲି ସେ କହୁଥିଲେ। ତେଣୁ ଏନେଇ ହୋଇଥିବା ଯୁକ୍ତିତର୍କରୁ ସେ ତାଙ୍କ ଝିଅକୁ ହତ୍ୟା କରିଥିବା ଜଣାପଡିଛି।ରାଧିକା ଯାଦବ ଜଣେ ଜାତୀୟ ସ୍ତରୀୟ ଟେନିସ ଖେଳାଳି ଥିବା ବେଳେ ତାଙ୍କର ଭଲ ନାଁ ଥିଲା। ସେ ଅନେକ ମେଡାଲ ଜିତିଥିଲେ। ତାଙ୍କର ଏକ ଟେନିସ ଏକାଡେମୀ ଅଛି। ସେ ଅନ୍ୟ ଟେନିସ ଖେଳାଳିମାନଙ୍କୁ ଟ୍ରେନିଂ ଦେଉଥିଲେ।

# ସମାଜସେବୀ ରଞ୍ଜନ ମହାପାତ୍ରଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ

ବାଲିଅନ୍ତା,(ପି.ଏନ): ମାଆ ପାଇଁ ଗଛଟିଏ ୨.୦ ଅଭିଯାନ ଉପଲକ୍ଷେ ଖୋର୍ଦ୍ଧା ବନଖଣ୍ଡ ଅଧିନସ୍ଥ ବରୁଣେଇ ଶିଆଳିଆ ଠାରେ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲିଅନ୍ତା ବ୍ଲକ୍ ଯଶୁଆପୁର ଗ୍ରାମର ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କୁ ସମ୍ମାନ ଜନକ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଅଛି। ପରିବେଶ ସୁରକ୍ଷା,ନୂତନ ଜଙ୍ଗଲ ସୃଷ୍ଟି ଏବଂ ପରିବେଶ ସଚେତନତା ଭଳି ଉଲ୍ଲେଖନୀୟ କାର୍ଯ୍ୟକ୍ରମ କରୁଥିବାରୁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବ ରେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ,ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଜୟଦେବ ବିଧାୟକ ନବକିଶୋର ମଲ୍ଲିକ, ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତି ରୁପଶ୍ରୀ ରାଣୀ ଗୁମାନସିଂହ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ , ଖୋର୍ଦ୍ଧା ପୋଲିସ ଅଧିକ୍ଷକ ଶ୍ରୀମତୀ ସାଗରିକା ନାଥ ବନ ବିଭାଗ ର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ମାନପତ୍ର ,ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ରାଶି ସହିତ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ମହାପାତ୍ର ନିଜ ଗ୍ରାମରେ ଯଶୁଆପୁର ବିକାଶ ପରିଷଦ ଦ୍ୱାରା ବୃକ୍ଷ ରୋପଣ, ରକ୍ତଦାନ ଶିବିର, ଅହାହାୟମାନଙ୍କ ପାଇଁ ସାହାରା ସାଜିବା, ପକ୍ଷୀଙ୍କ ପାଇଁ ପିଇବା ପାଣି ଯୋଗାଇବା, ଜଳ ସଂରକ୍ଷଣ,ନୂତନ ଜଙ୍ଗଲ ସୃଷ୍ଟି, ପ୍ଲାଷ୍ଟିକକୁ ବର୍ଜନ କରିବା ସମ୍ପର୍କରେ ସଚ୍ଚତନତା ଇତ୍ୟାଦି କରି ଆସୁଛନ୍ତି। ତା ସହିତ ନିଜ ଗ୍ରାମକୁ ସବୁଜ ସୁନ୍ଦର ଗଢି ତୋଳିବା ପାଇଁ ସଦାସର୍ବଦା ପ୍ରୟାସ ଜାରୀ ରଖିଛନ୍ତି।

# କପିଲ ଶର୍ମାଙ୍କ କାଫେ ଉପରକୁ ଗୁଳିମାଡ, ନିଜକୁ ଦାୟୀ କଲେ ଖଲିସ୍ତାନୀ ଆତଙ୍କୀ

ଭୁବନେଶ୍ୱର,(ପି.ଏନ): କମେଡିଆନ କପିଲ ଶର୍ମାଙ୍କ କାନାଡା ସ୍ଥିତ କାଫେ ଉପରକୁ ଗୁଳିମାଡ ହୋଇଛି। ନିକଟରେ କାନାଡାର ସରେରେ କପିଲ ତାଙ୍କର ଏହି ନୂଆ କାଫେଟି ଖୋଲିଥିଲେ।ଗତକାଲି ରାତିରେ ଏହି ଘଟଣା ଘଟିଥିବା ବେଳେ ଏଥିପାଇଁ ନିଜକୁ ଦାୟୀ କରିଛି ଖଲିସ୍ତାନୀ ଆତଙ୍କବାଦୀ ହରଜୀତ ସିଂହ ଲଡ୍ଡି। ସେ ଭାରତର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ ?ଆଇଏ)ର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ତାଲିକାରେ ଅଛି। ବେଆଇନ ଘୋଷିତ ବବ୍ବର ଖାଲସା ଇଣ୍ଟରନ୍ୟାଶନାଲ (ବିକେଆଇ) ସହିତ ତା'ର ସଂପୃକ୍ତି ରହିଛି।ବିଶ୍ୱ ହିନ୍ଦୁ ପରିଷଦ ନେତା ବିକାଶ ପ୍ରଭାକର ଓରଫ ବିକାଶ ବାଗ୍ଗା ହତ୍ୟାକାଣ୍ଡ ଘଟଣାରେ ହରଜିତ ସିଂହ ଲଡ୍ଡିକୁ ଖୋଜୁଛି ଏନ୍ଆଇଏ। ୨୦୨୪ ଏପ୍ରିଲ ମାସରେ ପଞ୍ଜାବର ରୂପନଗରରେ ବିକାଶଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଅତୀତରେ କପିଲ ଶର୍ମା ଦେଇଥିବା କିଛି ମନ୍ତବ୍ୟର ପ୍ରତିବାଦରେ ହରଜୀତ ସିଂହ ଲଡ୍ଡି ଏହି ଗୁଳିକାଣ୍ଡ ଘଟାଇଛି। କପିଲ ଶର୍ମାଙ୍କ ମନ୍ତବ୍ୟରେ ସେ ଲଜ୍ଜିତ ହୋଇଥିଲା। କିନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇନାହିଁ। କପିଲଙ୍କ କାଫେ ଉପରକୁ ଗୁଳିମାଡ ବେଳର ଭିଡିଓ ସାମ୍ନାକୁ ଆସିଛି। ଏଥିରେ ଦେଖିବାକୁ ମିଳିଛି ଯେ ଜଣେ ବ୍ୟକ୍ତି କାରରେ ଥାଇ ଝରକା ଦେଇ ଗୁଳି କରୁଛି। ସେ ଅତିକମ୍‌ରେ ୯ ରାଉଣ୍ଡ ଗୁଳି ଚଳାଇଛି। ପୁଲିସ୍ ଓ ଫରେନସିକ୍ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଛି।




# କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ଲୋକଙ୍କ ନିକଟକୁ ପହଂଚାଇବା ବିକାଶ ମେଳା ଲକ୍ଷ୍ୟ



ରାୟଗଡ,(ପି.ଏନ): କେନ୍ଦ୍ରରେ ସରକାରଙ୍କ ୧୧ବର୍ଷ ପୂର୍ତ୍ତି ଓ ଓଡିଶା ସରକାରର ୧ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜିଲାରେ ଗୁରୁବାର ବିକାଶ ମେଳାର ଶୁଭାରମ୍ଭ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାୟଗଡା ଜିଲାରେ ପୂର୍ବାହ୍ନ ୧୧ଟା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକାଶ ବାହନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ପାରୁଲ ପଟାୱରୀ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ । ଏହି ବିକାଶ ବାହନ ଗୁରୁବାର ଠାରୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତା ବିଷୟରେ ଲୋକଙ୍କୁ ସଚେତନତା କରିବା ସହିତ ଜନସାଧାରଣ ସମସ୍ତ ସରକାରୀ ଯୋଜନାର କିଭଳି ଲାଭ ପାଇପାରିବେ ସେନେଇ ସଚେତନତା କରିବ । ନାରୀ ସଶକ୍ତିକରଣ ପାଇଁ ସୁଭଦ୍ରା ଯୋଜନାରେ ୧କୋଟିରୁ ଉର୍ଦ୍ଧ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ଆର୍ଥିକ ସହଯୋଗ, ୧୭ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବା, ଯୁବବର୍ଗ, ସାମାଜିକ ଓ ଅର୍ଥନୈତିକ ପଛୁଆ ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୧୧.୨୫% ସ୍ଥାନ ସଂରକ୍ଷଣ, ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ, ସରକାରୀ ଚାକିରି ସୀମା ୪୨ ବର୍ଷକୁ ବୃଦ୍ଧି, ରାଜ୍ୟରେ ସରକାର ଗଠନ ପରେ ପ୍ରଥମ ୧୦ ମାସରେ ୪୦,୨୬୬ ମୂଳ ପଦବୀ ପୂରଣ, ତୃଣମୂଳସ୍ତରରେ କ୍ରୀଡାର ବିକାଶ ପାଇଁ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ପ୍ରତ୍ୟେକ ଜିଲ୍ଲାରେ ଶିଳ୍ପ ପାଇଁ ପ୍ରତିଶୃତି ଆଦି ଉପରେ ଏହି ବିକାଶ ରଥ ସଚେତନତା କରିବ । ସେହିଭଳି କୃଷକଙ୍କ ପାଇଁ ରାଜ୍ୟ ସରକାର ଆସିବା ପରେ ଧାନ ମୂଲ୍ୟ ବୃଦ୍ଧି ସହିତ ଇନପୁଟ୍ ସହାୟତା, ଶୀତଳ ଭଣ୍ଡାର, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ୧୯,୩୬୧.୬୯ କୋଟି ଟଙ୍କାର ଋଣ ପ୍ରଦାନ ଓ କାମଧେନୁ ଯୋଜନାରେ ରାଜ୍ୟରେ ୧୫ଲକ୍ଷରୁ ଅଧିକ ଦୁଗ୍ଧ ଚାଷୀ ଉପକୃତ ହେବା ଆଦି ଉପରେ ଲୋକଙ୍କୁ ସଚେତନତା କରାଯିବ । ସେହିଭଳି ଶ୍ରମିକଙ୍କ ପାଇଁ କାମ ସବୁ ହାତକୁ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ ଏବଂ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କରିଥିବା ବିକାଶକୁ ଲୋକଙ୍କ ନିକଟକୁ ପହଂଚାଇବ ଏହି ବିକାଶ ବାହନ । ଏହାପରେ ସ୍ଥାନୀୟ ଅଶୋକ ମଣ୍ଡପ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଂଶଗ୍ରହଣ କରି ମାଣ୍ଡିଆ ପିଠା ସମେତ ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟାୱରୀ ଉଦଘାଟନ କରିଥିଲେ । ଏହି ୧୦ ଦିନିଆ ବିକାଶ ମେଳା ଅବସରରେ ସ୍ଥାନୀୟ ଜିସିଡି ପଡିଆ ଠାରେ ୧୦ଦିନିଆ ବିକାଶ ମେଳା କାର୍ଯ୍ୟକ୍ରମକୁ ସନ୍ଧ୍ୟା ୫ଟାରେ ଜିଲାପାଳ ପାରୁଲ ପଟାୱରୀ ଯୋଗଦେଇ ଉଦଘାଟନ କରିଛନ୍ତି । ଏହା ଆସନ୍ତା ୧୦ ଦିନଯାଏଁ ଚାଲିବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ତଥା ଯୁଗାନ୍ତକାରୀ ଯୋଜନା ବିଷୟରେ ଜିଲ୍ଲାପାଳ ପାରୁଲ ସୂଚନା ଦେଇଥିଲେ । ଚାଷ ଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ର ସମେତ ସମସ୍ତ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ଜିଲ୍ଲାର ଜନସାଧାରଣ ଉପକୃତ ହୋଇଛନ୍ତି ଏବଂ ଆଗାମୀ ଦିନରେ ମଧ ଏହି ବିକାଶମୂଳକ କାର୍ଯ୍ୟ ଜାରି ରହିବ ବୋଲି ଜିଲ୍ଲାପାଳ ପାରୁଲ କହିଥିଲେ । ଏହି ଅବସରରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ଅନ୍ୟ କଳାକାରମାନଙ୍କ କଳା ଲୋକଙ୍କୁ ଆକୃଷ୍ଟ କରିଥିଲା । ଆଜିର ଏହି ମେଳକ୍ଷରେ ସମ୍ମାନିତ ଅତିଥି ଭାବରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ଏସ ସ୍ୱାତୀ କୁମାର, ଖଣ୍ଡିୟ ବନ ଅଧିକାରୀ ଶ୍ରୀ ସଚ୍ଚିନ ଆନ୍ନା ସାହେବ ଓହଲେ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟଗଡ଼ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ, ସାମ୍ପନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାୟଗଡ଼ ଶ୍ରୀ ଚନ୍ଦ୍ରକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ କ୍ଷ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏହିସବୁ ଖାଦ୍ୟ



ଭୁବନେଶ୍ୱର,(ପି.ଏନ) : ସମଗ୍ର ଦେଶରେ ବୃଦ୍ଧି ପାଉଥିବା କୋଭିଡ଼ ସ୍ଥିତି ତଥା ଫ୍ଲୁ ମାମଲା ଗୁଡ଼ିକୁ ଦୃଷ୍ଟିରେ ରଖି ଆପଣଙ୍କ ଶରୀରରେ ରୋଗପ୍ରତିରୋଧକ ଶକ୍ତିକୁ ମଜବୁତ୍ କରିବା ତଥା ଏହାକୁ ଭଲ ଭାବରେ କ୍ରିୟାଶୀଳ ରଖିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଏହି ପ୍ରସଙ୍ଗରେ ଡା. ରୋହିଣୀ ପାଟିଲ, ଏମବିବିଏସ ଏବଂ ନ୍ୟୁଟ୍ରିସନିଷ୍ଟଙ୍କ ମତରେ ଆଲମଣ୍ଡ, ହଳଦୀ, ଅଦା ଭଳି ପୋଷକ ତତ୍ୱରେ ଭରପୁର ଖାଦ୍ୟକୁ ସାମିଲ କରିବା ଦ୍ୱାରା ଏହା ଆପଣଙ୍କର ଶରୀରରେ ପ୍ରତିରୋଧୀ ପ୍ରଣାଳୀକୁ ଦୃଢ଼ କରିବା ସହିତ ଏହି ଋତୁ ପରିବର୍ତ୍ତନ ସମୟରେ ଆପଣଙ୍କୁ ସୁସ୍ଥ ରଖିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡ ୧୫ଟି ଅତ୍ୟାବଶ୍ୟକୀୟ ପୌଷ୍ଟିକତତ୍ୱରେ ଭରପୁର। ଯେଉଁଥିରେ ରହିଛି ଉପାଦେୟ ଚର୍ବି, ପ୍ରୋଟିନ, ଜିଙ୍କ, ମ୍ୟାଗନେସିୟମ ତଥା ଭିଟାମିନ ଇ ଯାହାକି ହୃଦଜନିତ ସୁସ୍ଥତାକୁ ବଢ଼ାଇବା ସହିତ ଶରୀର ଶକ୍ତି ସ୍ତରକୁ ବୃଦ୍ଧି କରିଥାଏ। ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ ଇଣ୍ଡିଆ (ଏଫଏସଏସଏଆଇ) ଅନୁମୋଦିତ ମୁତାବକ, ଆମ ଦୈନନ୍ଦିନ ଖାଦ୍ୟ ଅଭ୍ୟାସରେ ଆଲମଣ୍ଡର ଯୋଗଦାନ ଶରୀରରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ସହିତ ଅତି ପ୍ରଭାବଶାଳୀ ଢ଼ଙ୍ଗରେ ଶରୀରକୁ ନିରୋଗ ରଖିବାରେ ସାହାଯ୍ୟ କରିଥାଏ। ପ୍ରତିଦିନ ଗୋଟିଏ ମୁଠା ଆଲମଣ୍ଡ ଖାଦ୍ୟରେ ଗ୍ରହଣ ଦ୍ୱାରା ଏହା ଉତମ ଚର୍ମ ସ୍ୱାସ୍ଥ୍ୟ ତଥା ଶରୀରର ଓଜନ ପରିଚାଳନାରେ ସାହାଯ୍ୟ କରିଥାଏ । ଜ୍ୱଳନ-ପ୍ରତିରୋଧକାରୀ ତଥା ଆଂଟିଅକ୍ସିଡାଂଟ ତତ୍ୱ ଭାବରେ ଜଣାଶୁଣା ହଳଦି ବିଶେଷଭାବରେ ରୋଗ ପ୍ରତିରୋଧଶକ୍ତି ବୃଦ୍ଧି ଏବଂ ସଂକ୍ରମଣକୁ ପ୍ରତିହତ କରିବାରେ ଯଥେଷ୍ଟ ସାହାଯ୍ୟ କରେ। ଏହି ଫ୍ଲୁଜନିତ ସମସ୍ୟାରେ ତଥା ବିଶେଷ ଭାବରେ ମୌସୁମୀ ଋତୁରେ ଏହାକୁ ନିଜ ଖାଦ୍ୟରେ ସାମିଲ କରିବା ଅତି ଆବଶ୍ୟକ ଅଟେ। ସେହିଭଳି ଅଦା ପାଚନକ୍ରିୟାରେ ସାହାଯ୍ୟ, ଜ୍ୱଳନ ହ୍ରାସ ତଥା ଜୀବାଣୁ ନିରୋଧକାରୀ ଶକ୍ତି ଭାବରେ ରହି ଶରୀରରେ ସାଧାରଣ ଥଣ୍ଡା ଓ ଗଳା ଦରଜ ଭଳି ଲକ୍ଷଣ ବିରୋଧରେ ଏହା ଲଢ଼େଇ କରିଥାଏ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray